# NATIONAL NEWS BULLETIN (ODIA)

## 2 April - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ସଂସଦର ବଜେଟ୍ ଅଧିବେଶନ ଶେଷ ହେବ ଆଜି ।
- ପଶ୍ଚିମ ଏସିଆରେ ଦେଖାଦେଇଥିବା ଯୁଦ୍ଧଜନିତ ପରିସ୍ଥିତି ଯୋଗୁଁ ଦେଶର ସାଧାରଣ ନାଗରିକ ଯେଭଳି ପ୍ରଭାବିତ ନ ହୁଅନ୍ତି ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସମସ୍ତ ମନ୍ତ୍ରଣାଳୟକୁ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ।
- ସାରର କଳାବଜାରୀ ଏବଂ ବେଆଇନ୍ ମହଜୁଦକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେଲେ କେନ୍ଦ୍ର କୃଷିମନ୍ତ୍ରୀ ।
- ଦୁଇଦିନିଆ ଭାରତ ଗସ୍ତରେ ଆଜିଠାରୁ ଆସୁଛନ୍ତି ରୁଷ୍‌ର ପ୍ରଥମ ଉପପ୍ରଧାନମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍ସକୁ ୬ ୱିକେଟ୍‌ରେ ପରାସ୍ତ କଲା ଦିଲ୍ଲୀ କ୍ୟାପିଟାଲ୍ସ ।

# ପାର୍ଲ୍ୟାମେଣ୍ଟ ଟୁଡେ

ସଂସଦର ବଜେଟ୍ ଅଧିବେଶନ ଆଜି ଶେଷ ହେବ । ଆଜି ରାଜ୍ୟସଭାରେ ଆନ୍ଧ୍ରପ୍ରଦେଶ ପୁର୍ନଗଠନ ସଂଶୋଧନ ବିଲ୍ ୨୦୨୬ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ଏହି ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଜାନୁଆରୀ ୨୮ ତାରିଖରୁ ଆରମ୍ଭ ହୋଇ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଗତମାସ ୮ ତାରିଖରୁ ଆରମ୍ଭ ହୋଇଥିଲା । ପ୍ରଥମ ପର୍ଯ୍ୟାୟ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ତଥା କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଉପରେ ଆଲୋଚନା କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଅର୍ଥ ବିଲ୍ ୨୦୨୬ ଏବଂ ବ୍ୟୟମଞ୍ଜୁରୀ ବିଲ୍ ୨୦୨୬କୁ ସଂସଦର ଅନୁମୋଦନ ମିଳିଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅଧିବେଶନ କାଳରେ ପଶ୍ଚିମ ଏସିଆରେ ସୃଷ୍ଟ ଯୁଦ୍ଧ ପରିସ୍ଥିତି ନେଇ ସରକାରଙ୍କ ସ୍ଥିତି ସମ୍ପର୍କରେ ସଂସଦର ଉଭୟ ଗୃହକୁ ଅବଗତ କରାଇଥିଲେ ।

# ପିଏମ୍-ସିସିଏସ୍ ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗତକାଲି ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟିର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଭିନ୍ନ ମନ୍ତ୍ରଣାଳୟ ତଥା ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଗୁଡ଼ିକର ସମୀକ୍ଷା କରାଯିବା ସହିତ ପଶ୍ଚିମ ଏସିଆ ସ୍ଥିତି ନେଇ ଭାରତର ପରବର୍ତ୍ତୀ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା କରାଯାଇଛି ।

ଏହି ବୈଠକ ଅବସରରେ ଦେଶର ସାଧାରଣ ନାଗରିକଙ୍କ ଲାଗି ମୌଳିକ ଆବଶ୍ୟକତାର ଉପଲବ୍ଧତା ସମ୍ପର୍କରେ ପ୍ରଧାନମନ୍ତ୍ରୀ ସମୀକ୍ଷା କରିଛନ୍ତି । ପଶ୍ଚିମ ଏସିଆରେ ଦେଖାଦେଇଥିବା ଯୁଦ୍ଧଜନିତ ପରିସ୍ଥିତିର ପ୍ରଭାବ ଯେଭଳି ଦେଶବାସୀଙ୍କ ଉପରେ ନ ପଡେ ତଥା ସେମାନଙ୍କର ସ୍ୱାର୍ଥ ରକ୍ଷା ଲାଗି ଆବଶ୍ୟକ ପଦକ୍ଷେପ ନେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ସେହିଭଳି ଖରିଫ ଓ ରବି ଋତୁ ଲାଗି ଚାଷୀମାନଙ୍କ ନିମନ୍ତେ ସାରର ଉପଲବ୍ଧତା ସୁନିଶ୍ଚିତ କରିବା ଦିଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସେ ଅବଗତ ହୋଇଛନ୍ତି । ଏତଦ୍‌ବ୍ୟତୀତ ଜନସାଧାରଣଙ୍କ ମଧ୍ୟରେ ଯେଭଳି ଭୁଲ୍ ତଥ୍ୟ ତଥା ଗୁଜବ ପ୍ରସାର ନହୁଏ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାଲାଗି ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବିଶ୍ୱରେ ବର୍ତ୍ତମାନ ଦେଖାଦେଇଥିବା ସାମ୍ପ୍ରତିକ ସ୍ଥିତିରେ ଦେଶର କୌଣସି କ୍ଷେତ୍ର ବା ନାଗରିକ ଯେଭଳି ପ୍ରଭାବିତ ନ ହୁଅନ୍ତି ସେ ଦିଗରେ ଯତ୍ନବାନ

ହେବା ସହିତ ସମୋଚିତ ପଦକ୍ଷେପ ନେବାକୁ ଶ୍ରୀ ମୋଦୀ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ।

କୃଷି, ଜାହାଜ ଚଳାଚଳ ବେସାମରିକ ବିମାନ ଚଳାଚଳ, ଗମନାଗମନ କ୍ଷେତ୍ରରେ ଦେଖାଦେଇଥିବା ସମସ୍ୟା ଗୁଡ଼ିକର ସମାଧାନ ଉପରେ ଏହି ବୈଠକରେ ଆଲୋଚନା କରାଯାଇଛି । ଦେଶବ୍ୟାପୀ ଏଲ୍.ଏନ୍.ଜି, ଏଲ୍.ପି.ଜି ସମେତ ବିଭିନ୍ନ ପେଟ୍ରୋଲିୟମଜାତ ଉତ୍ପାଦ ଯୋଗାଣ ଓ ଶକ୍ତି ଉପଲବ୍ଧତା ମଧ୍ୟ ସୁନିଶ୍ଚିତ କରାଯିବା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଇଛି ବୋଲି କ୍ୟାବିନେଟ୍ ସଚିବ ବୈଠକରେ ପ୍ରକାଶ କରିଛନ୍ତି । ସେହିଭଳି ଘରୋଇ ଉପଭୋକ୍ତାଙ୍କ ଲାଗି ଏଲ୍‌ପିଜି ମୂଲ୍ୟକୁ ଅପରିବର୍ତ୍ତିତ ରଖାଯିବା ସହିତ ଏହାର କଳାବଜାରୀ ତଥା ବେଆଇନ୍ ମହଜୁଦକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ସମ୍ପର୍କରେ କ୍ୟାବିନେଟ୍ ସଚିବ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । କୃଷିଜାତ ଦ୍ରବ୍ୟ ଗୁଡ଼ିକର ମୂଲ୍ୟ ସ୍ଥିର ରଖିବା ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ୍‌ର କାର୍ଯ୍ୟକାରୀତାକୁ ନେଇ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହିତ ନିୟମିତ ଯୋଗାଯୋଗରେ ରହିଛନ୍ତି ଏବଂ ଏହାର ନିୟମିତ ନିରୀକ୍ଷଣ ଲାଗି ନିୟନ୍ତ୍ରଣ କକ୍ଷ ସ୍ଥାପନ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି ।

# ଶିବରାଜ ଏଗ୍ରି ମିନିଷ୍ଟର୍ସ ମିଟିଂ

ସାରର କଳାବଜାରୀ ଏବଂ ବେଆଇନ୍ ମହଜୁଦକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ସମସ୍ତ ରାଜ୍ୟର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗତକାଲି ବିଭିନ୍ନ ରାଜ୍ୟର କୃଷିମନ୍ତ୍ରୀ ମାନଙ୍କର ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଚୌହ୍ୱାନ ଏହା କହିଛନ୍ତି । ଚାଷୀମାନେ ନିଜର ଉତ୍ପାଦ ଲାଗି ସୁଲଭ ମୂଲ୍ୟ ପାଇବା ସହିତ ସେମାନଙ୍କର ଅଭିଯୋଗ ଗୁଡ଼ିକର ସମାଧାନ ଲାଗି ସମୟୋଚିତ ପଦକ୍ଷେପ ନେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଏତଦ୍‌ବ୍ୟତୀତ ଚାଷୀମାନଙ୍କ ନିକଟରୁ ସିଧାସଳଖ ସେମାନଙ୍କର ଉତ୍ପାଦ ସଂଗ୍ରହ କରିବା ଉପରେ ମଧ୍ୟ କୃଷିମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଏପର୍ଯ୍ୟନ୍ତ ଦେଶର ୧୯ଟି ରାଜ୍ୟରେ ପ୍ରାୟ ୯ କୋଟି ୨୫ ଲକ୍ଷ ଚାଷୀଙ୍କର ପରିଚୟପତ୍ର ସୃଷ୍ଟି କରାଯାଇପାରିଛି । ଚାଷୀମାନଙ୍କର ପଞ୍ଜିକରଣ ପ୍ରକ୍ରିୟା ଆଧାର ସହିତ ସଂଯୋଗ ହୋଇଥିବା ପୋର୍ଟାଲରେ କରାଯିବା ଉଚିତ୍ ବୋଲି କେନ୍ଦ୍ର କୃଷିମନ୍ତ୍ରୀ କହିଛନ୍ତି । ଶ୍ରୀ ଚୌହ୍ୱାନ କହିଛନ୍ତି ସମଗ୍ର ଦେଶକୁ ୫ଟି କୃଷି ଜଳବାୟୁ ଜୋନ୍‌ରେ ବିଭକ୍ତ କରାଯାଇ ପ୍ରତ୍ୟେକ ଜୋନ୍‌ରେ ଏହି ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯିବ । ତଦନୁଯାୟୀ ପଶ୍ଚିମାଞ୍ଚଳ

ଜୋନ୍‌ର ଏ ସମ୍ପର୍କିତ ପ୍ରଥମ ସମ୍ମିଳନୀ ଆସନ୍ତା ୭ ତାରିଖରେ ଜୟପୁରଠାରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ଚୌହ୍ୱାନ ସୂଚନା ଦେଇଛନ୍ତି ।

## ରୁଷ୍ ଡେପୁଟି ପିଏମ୍ ଭିଜିଟ୍

ରୁଷ୍‌ର ପ୍ରଥମ ଉପପ୍ରଧାନମନ୍ତ୍ରୀ ଡେନିସ୍ ମାଣ୍ଟୁରୋଭ୍ ଆଜିଠାରୁ ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ଏହି ଗସ୍ତକାଳରେ ଶ୍ରୀ ମାଣ୍ଟୁରୋଭ୍’ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହ ନୂଆଦିଲ୍ଲୀରେ ସାକ୍ଷାତ୍ ଆଲୋଚନା କରିବେ । ଶ୍ରୀ ମାଣ୍ଟୁରୋଭ୍ ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ୍ ଡୋଭାଲ୍‌ଙ୍କ ସହ ମଧ୍ୟ ସାକ୍ଷାତ୍ କରିବାର କାର୍ଯ୍ୟସୂଚୀ ରହିଛି ।

## ଶାହା ଆସାମ ଭିଜିଟ୍

ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଆସାମ ଗସ୍ତରେ ଯିବେ । ଆସାମ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଶ୍ରୀ ଶାହା ଏହି ଦୁଇଦିନିଆ ଗସ୍ତ ଅବସରରେ ବିଜେପି ତଥା ଏନ୍‌ଡିଏର ଅନ୍ୟାନ୍ୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ଆଜି ଅପରାହ୍ଣ ୩ଟାରେ ଶ୍ରୀ ଶାହା ଆସାମ ଗଣ ପରିଷଦର ପ୍ରାର୍ଥୀ କେଶବ ମହନ୍ତଙ୍କ ସପକ୍ଷରେ ନାଗାଓଁ ଜିଲ୍ଲା ଅନ୍ତର୍ଗତ କାଲ୍ୟାବୋର୍ ନିର୍ବାଚନମଣ୍ଡଳୀର ମିଶା ଉଚ୍ଚବିଦ୍ୟାଳୟ

ପଡ଼ିଆଠାରେ ଏକ ଜନ ସମାବେଶକୁ ଉଦ୍‌ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଗୌହାଟୀ ଗସ୍ତ କରି ସ୍ଥାନୀୟ ରାଜ୍ୟ ଅତିଥି ଭବନରେ ରାତ୍ରିଯାପନ କରିବେ । ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଧୁବ୍ରୀ ଜିଲ୍ଲା ଅନ୍ତର୍ଗତ ରାତିଆ ଦାହାସ୍ଥିତ ମେଳା ମଇଦାନ ଠାରେ ଗୋଲକଗଞ୍ଜ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଏକ ନିର୍ବାଚନୀ ର୍‌ୟାଲୀକୁ ସମ୍ବୋଧିତ କରିବେ । ଏତଦ୍‌ବ୍ୟତୀତ ଗୋଲପାଡା ଜିଲ୍ଲାର ଦୁଧନୋଇ ଏବଂ ପଲାସବାଡି ନିର୍ବାଚନ ମଣ୍ଡଳୀରେ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଶ୍ରୀ ଶାହା ଦୁଇଟି ପୃଥକ୍ ପୃଥକ୍ ନିର୍ବାଚନୀ ସଭା କରିବାର କାର୍ଯ୍ୟସୂଚୀ ରହିଛି ।

## ଏଆଇ ଏଜୁକେଶନ

ଜାତୀୟ ଶିକ୍ଷାନୀତିକୁ ଦୃଷ୍ଟିରେ ରଖି ଭାରତୀୟ ଭାଷାରେ କମ୍ପ୍ୟୁଟେସନାଲ୍ ଥିଙ୍କିଂ ଏବଂ କୃତ୍ରିମ ବୁଦ୍ଧିମତ୍ତାର ପ୍ରଚଳନ କରିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କମ୍ପ୍ୟୁଟେସନାଲ୍ ଥିଙ୍କିଂ ଏବଂ କୃତ୍ରିମ ବୁଦ୍ଧିମତ୍ତା ପାଠ୍ୟକ୍ରମ ଆରମ୍ଭ କରି ଶ୍ରୀ ପ୍ରଧାନ କହିଛନ୍ତି, ପାଠ୍ୟକ୍ରମ ଇଂରାଜୀରେ ପ୍ରଚଳନ କରାଯାଇଥିବାବେଳେ ଏହାକୁ ଆଞ୍ଚଳିକ ଭାଷାରେ ପ୍ରଚଳନ କରାଯିବା ଉଚିତ । ଭାରତ ଏହାର ବୌଦ୍ଧିକ ପ୍ରବାସୀ ଏବଂ ଜ୍ଞାନକୁ

ପ୍ରଭାବଶାଳୀ ଢଙ୍ଗରେ ଆଞ୍ଚଳିକ ଭାଷାରେ ଗୁରୁତ୍ୱ ଦେବା ଆବଶ୍ୟକ । ବିଶେଷକରି ଭାରତର ଐତିହାସିକ ବୌଦ୍ଧିକ ପରମ୍ପରା ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି, ଆର୍ଯ୍ୟଭଟ୍ଟ ଏବଂ ମାଧବଙ୍କ ପରି ଗଣିତଜ୍ଞମାନେ ମଧ୍ୟ ମାତୃଭାଷାରେ ସେମାନଙ୍କ ମୌଳିକ ଚିନ୍ତାଧାରାକୁ ବିକଶିତ କରିଥିଲେ । ଜାତୀୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ – ଏନ୍.ସି.ଇ.ଆର୍.ଟି.କୁ ଶିକ୍ଷାବର୍ଷ ମଧ୍ୟରେ ବିଭିନ୍ନ ଭାଷାରେ ପାଠ୍ୟକ୍ରମ ଅନୁବାଦ ସହିତ ଏହାକୁ କାର୍ଯ୍ୟକାରୀ କରିବାପାଇଁ ରାଜ୍ୟ ସଂସ୍ଥାଗୁଡ଼ିକ ସହିତ ସମନ୍ୱୟ ସ୍ଥାପନ କରିବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ ।

ଏହି ପଦକ୍ଷେପ ସମ୍ପର୍କରେ ଆଲୋକପାତ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି...

**V/O (Dharmendra Pradhan)**

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଜନସାଧାରଣଙ୍କ ପଦ୍ମ ସମ୍ପର୍କିତ ଧାରାବାହିକର ଚଳିତ ଅଧ୍ୟାୟରେ ଶ୍ରୀ ରଘୁବୀର ତୁକାରାମ ଖେଡ୍କାଙ୍କ ସହିତ ଆଲୋଚନା ସ୍ଥାନ ପାଇବ । ପାରମ୍ପରିକ କଳା 'ତମାସା' କ୍ଷେତ୍ରରେ ନିଜର ଅତୁଳନୀୟ ଅବଦାନ ଲାଗି ଶ୍ରୀ ଖେଦକାରଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହି କାର୍ଯ୍ୟକ୍ରମ ଆଜି ସକାଳ ୯ଟା ୧୦ମିନିଟ୍‌ରେ ୧୦୦ ଦଶିକ ୧ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍‌ରେ ଶୁଣାଯାଇ ପାରିବ ।

ଏତଦ୍‌ବ୍ୟତୀତ ଏହି କାର୍ଯ୍ୟକ୍ରମ ନ୍ୟୁଜ୍ ଅନ୍‌ଏୟାର ଆପ୍ ଏବଂ ନ୍ୟୁଜ୍ ଅନ୍ ଏୟାର ଅଫିସିଆଲ ୟୁଟ୍ୟୁବ୍ ଚ୍ୟାନେଲରେ ମଧ୍ୟ ଉପଲବ୍ଧ ହେବ ।

## କ୍ରିକେଟ୍-ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ’ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସକୁ ୬ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଗତ ରାତିରେ ଲକ୍ଷ୍ନୌର ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକ୍‌ନା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସ ୧୪୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଦଳପକ୍ଷରୁ ଅବଦୁଲ ସାମଦ ସର୍ବାଧିକ ୩୬ ରନ୍ କରିଥିଲେ । ଦିଲ୍ଲୀ କ୍ୟାପିଟାଲ୍ସର ଲୁଙ୍ଗି ଏନ୍‌ଗିଡି ଏବଂ ଟି. ନଟ୍‌ରାଜନ ୩ଟି ଲେଖାଏଁ ଓ୍ୱିକେଟ୍ ଅକ୍ତି କରିଛନ୍ତି ।

୧୪୨ ରନ୍ ବିଜୟ ଲକ୍ଷ୍ୟର ପିଛାକରି ଦିଲ୍ଲୀ କ୍ୟାପିଟାଲ୍ସ ୧୭ ଓଭର ଓ ଗୋଟିଏ ବଲ୍‌ରେ ୪ ଓ୍ୱିକେଟ୍ ହରାଇ ଆବଶ୍ୟକୀୟ ରନ୍ ସଂଗ୍ରହ କରିନେଇଥିଲା । ଦଳ ପକ୍ଷରୁ ସମୀର ରିଜ୍‌ଭି ଅପରାଜିତ ୭୦ରନ୍ କରିବା ସହିତ ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଆଜି କୋଲକାତା ନାଇଟ୍ ରାଇଡର୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ କୋଲକାତାର ଇଡେନ୍ ଗାର୍ଡେନ୍‌ଠାରେ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ଖେଳାଯିବ ।

## ଫୁଟବଲ

୨୦ ବର୍ଷରୁ କମ୍ ସାଫ୍ ପୁରୁଷ ଫୁଟବଲ ଚାମ୍ପିୟନସିପ୍‌ର ଫାଇନାଲରେ ଭାରତ ପ୍ରବେଶ କରିଛି । ଗତକାଲି ମାଳଦ୍ୱୀପସର ମାଲେଠାରେ ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଗତବର୍ଷର ଚାମ୍ପିୟନ ଭାରତ’ ଭୁଟାନକୁ ୫-୦ ଗୋଲ୍‌ରେ ପରାସ୍ତ କରିଛି । ଦଳପକ୍ଷରୁ ରୋହେନ ଚାଫାମାୟୁମ, ଅମଙ୍ଗ ଡୁଡୁମ, ମହମ୍ମଦ ଆର୍‌ବାଜ ଏବଂ ଥୋକଚମ ମାଲେନଗାନ୍‌ବା ଏହି ଗୋଲ୍‌ଗୁଡ଼ିକ ଦେଇଛନ୍ତି ।
ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟର ଅନ୍ୟଏକ ସେମିଫାଇନାଲରେ ବାଂଲାଦେଶ’ ନେପାଳକୁ ୧-୦ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିସାରିଛି । ଆସନ୍ତାକାଲି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଭାରତ ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ ।